## ଓପିଜିସି ସମ୍ପ୍ରସାରଣ ପାଇଁ ଆର୍ଥିକ ଚୁକ୍ତି ସ୍ୱାକ୍ଷରିତ

# ପିଏଫ୍‌ସି ଓ ଆର୍‌ଇସି ୮ ୬୬୦ କୋଟି ଟଙ୍କା ଋଣ ଦେବ




ଭୁବନେଶ୍ୱର, ୨୩।୧୧ (ନି.ପ୍ର)- ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ତାହାର ଶକ୍ତି ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ ସକାଶେ ଦୁଇ ରାଷ୍ଟ୍ରାୟତ କମ୍ପାନୀ ପିଏଫସି ଓ ଆରଇସି ସହିତ ଆଜି ଆର୍ଥିକ ଚୁକ୍ତିରେ ସ୍ୱାକ୍ଷର କରିଛି। ସମ୍ପ୍ରତି ଓପିଜିସିର ପ୍ରତ୍ୟେକ ୨୨୦ ମେଗାୱାଟ କ୍ଷମତା ବିଶିଷ୍ଟ ଦୁଇଟି ୟୁନିଟ ରହିଥିବାବେଳେ ଏହା ପ୍ରତ୍ୟେକ ୬୬୦ ମେଗାୱାଟ ବିଶିଷ୍ଟ ଆଉ ଦୁଇଟି ୟୁନିଟ ସ୍ଥାପନ କରିବାକୁ ଯୋଜନା କରିଛି। ଏହି ଦୁଇ ୟୁନିଟ ସ୍ଥାପନ ସକାଶେ ମୋଟ ୧୧,୫୪୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଅର୍ଥ ମଧ୍ୟରୁ ୭୫ ଭାଗ ଋଣ ଏବଂ ୨୫ ଭାଗ ଇକ୍ୱିଟି ଆକାରରେ ସଂଗ୍ରହ କରାଯିବ। ୭୫ ଭାଗ ଋଣ ଆକାରରେ ୮୬୬୦ କୋଟି ଟଙ୍କା ସଂଗ୍ରହ କରାଯିବ ଏବଂ ଏହାକୁ ପାୱାର ଫାଇନାନ୍ସ କର୍ପୋରେସନ (ପିଏଫସି) ଏବଂ ରୁରାଲ ଇଲେକ୍ଟ୍ରିଫିକେସନ କର୍ପୋରେସନ ସମାନ ଭାବରେ ଯୋଗାଇଦେବେ। ଏହି ଋଣ ପରିଶୋଧ ସମୟ ସୀମା ୨୦ ବର୍ଷ ରଖାଯାଇଛି।

ଏହି ଅବସରରେ ଓପିଜିସିର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟଚଳମ କୁପ୍ପୁସ୍ୱାମୀ ସ୍ୱାଗତ ଭାଷଣ ଦେଇ କହିଲେ ଯେ ଓପିଜିସିର ସମ୍ପ୍ରସାରଣ ପ୍ରକ୍ରିୟା ୨୦୦୯ରୁ ଆରମ୍ଭ ହୋଇଛି। ଏଥିପାଇଁ ମନୋହରପୁର ଏବଂ ଡିପ୍‌ସାଇଡ ମନୋହରପୁରଠାରେ ଦୁଇଟି କୋଲ ବ୍ଲକ ମିଳିସାରିଛି। ନିକଟରେ ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀ ମଧ୍ୟ ମିଳିଛି। ଏସବୁ ସହିତ ଏହା ଗ୍ରିଡକୋ ସହିତ ଶକ୍ତି କ୍ରୟ ରାଜିନାମା (ପିପିଏ) କରିଛି। ପ୍ରକଳ୍ପ ପାଇଁ କରାଯାଇଥିବା ବ୍ୟୟ ଅଟକଳ ମଧ୍ୟରେ କୋଇଲା ଖଣି ଓ ବନହରପାଲିରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ରେଳ କରିଡର ନିର୍ମାଣ ଅନ୍ତର୍ଭୁକ୍ତ। ଶକ୍ତି ବିଭାଗର ସଚିବ ତଥା ଓପିଜିସିର ଅଧ୍ୟକ୍ଷ ପି କେ ଜେନା କହିଲେ ଯେ ଓପିଜିସି ସମସ୍ତ ବୈଧାନିକ ମଞ୍ଜୁରୀ ହାସଲ କରିବା ସହିତ ଏବେ ଆର୍ଥିକ ଚୁକ୍ତି କରିବା ପରେ ଖୁବଶୀଘ୍ର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହା ରାଜ୍ୟ ତଥା ଦେଶରେ ଶକ୍ତି ନିରାପତ୍ତା ଆଣିବା କ୍ଷେତ୍ରରେ ସହାୟକ ହୋଇପାରିବ। ଆରଇସିର ଅର୍ଥ ନିର୍ଦ୍ଦେଶକ ଅଜିତ ଅଗ୍ରୱାଲ କହିଲେ ଯେ ଏହି ପ୍ରକଳ୍ପ ପାଇଁ ତାଙ୍କ କମ୍ପାନୀ ୪୩୩୦ କୋଟି ଟଙ୍କା ଯୋଗାଇଦେବ। ଏଥିସହିତ ଏ କ୍ଷେତ୍ରରେ ଋଣ ପରିଶୋଧ ସମୟ ୨୦ ବର୍ଷ ଏବଂ ସୁଧହାର ପ୍ରଚଳିତ ହାରଠାରୁ ୩୫ ବେସିସ ପଏଣ୍ଟ କମ ରଖାଯାଇଛି। ପିଏଫସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସତନାମ ସିଂ କହିଲେ, ଓଡ଼ିଶା ଶକ୍ତି କ୍ଷେତ୍ରର ସଂସ୍କାରର କର୍ଣ୍ଣଧାର ହୋଇଥିବାବେଳେ ରାଜ୍ୟରେ ପରିବହନ ଓ ବାଣିଜ୍ୟିକ କ୍ଷତି ବୃଦ୍ଧିପାଉଛି। ଏହା ୩୯ ପ୍ରତିଶତରୁ ୪୫ ପ୍ରତିଶତ ହୋଇଛି। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏହି କ୍ଷତି ହ୍ରାସ କରିବାରେ ସଫଳହୋଇଛନ୍ତି। ସଂସ୍କାର ପରବର୍ତ୍ତୀ ସମୟରେ ରାଜ୍ୟର ଶକ୍ତି କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ କରାନଯିବା ଏହାର କାରଣ ବୋଲି
ମନେ କରୁଛନ୍ତି। ଏହି ଉତ୍ସବରେ ରା
ଶକ୍ତି, ସୂଚନା ଓ ଲୋକସମ୍ପର୍କ ମ
ଅରୁଣକୁମାର ସାହୁ ଯୋଗଦେ
କହିଲେ ଯେ ଓପିଜିସିର ଉତ୍ପାଦ
କ୍ଷମତା ସମ୍ପ୍ରସାରଣ ଦ୍ୱାରା ଓଡ଼ି
ବିଶେଷ ଭାବେ ଉପକୃତ ହେବ। ଏ
ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ
ଓଏଚପିସିର ପରିଚାଳନା ନିର୍ଦ୍ଦେଶକ
ଏଇଏସର ଭାରତ ମୁଖ୍ୟ, ସେସୁ
ଅଧ୍ୟକ୍ଷ, ଓଇଆରସିର ଅଧ୍ୟକ୍ଷ ଏବ
ସଦସ୍ୟବୃନ୍ଦ, ବିଭାଗୀୟ
ଅଧିକାରୀମାନେ ଉପସ୍ଥିତ ଥିଲେ।